# ମାଂସର କୋଣାର୍କ

କାଲି ବୋଧହୁଏ କିଛି ଗୋଟାଏ ପର୍ବ- କୌଣସି ମହାପୁରୁଷ, ଅବତାର ନୋହିଲେ କୌଣସି ଠାକୁରଙ୍କ ଦିନ l ମୋର ଷଷ୍ଠେନ୍ଦ୍ରିୟ ବଳରେ ମୁଁ ଠିକ୍ ବୁଝି ପାରୁଛି l କିନ୍ତୁ କି ପର୍ବ? କେଉଁ ମହାପୁରୁଷଙ୍କ ଜନ୍ମଦିନ? କେଉଁ ଅବତାରଙ୍କ ଜୟନ୍ତୀ? ଦୂତ୍! ପର୍ବ ଫର୍ବ ଜୟନ୍ତୀ ସାଙ୍ଗରେ ମୋର ବା କି ସମ୍ପର୍କ? 'ବ୍ଲୁ-ଫକ୍ସ' ମଦଦୋକାନ ସାମ୍ନାରେ ଲମ୍ବା କ୍ୟୁ ଦେଖିଲେଇ ମୁଁ ଠିକ୍ ବୁଝିପାରେ, କାଲି କିଛି ଗୋଟାଏ ପର୍ବ, ନୋହିଲେ ଠାକୁରଙ୍କ ଦିନ l ଡ୍ରାଇ-ଡେ ଗୁଡ଼ାକ ତ ଆଙ୍ଗୁଠି ଅଗରେ l ଆଜି ଯାହା ହେଉ ପଛେ-କାଲି ଆଚାରନିଷ୍ଠ, ସଚ୍ଚରିତ୍ର ହୋଇ ଚଳିବା ପାଇଁ ପଡ଼ିବ l ପଅରଦିନକୁ କୋଉ ନର୍ଦ୍ଦମା ଧାରରେ ପଡ଼ିଲେ ଆପତ୍ତି ନାହିଁ, ସ୍ଖଳନ ଘଟିଲେ କ୍ଷତି ନାହିଁ l ଏଇସବୁ ସାମୟିକ ଆଚାର ଶୁଦ୍ଧି, ଡ୍ରାଇ-ଡେ, ଭାରତୀୟ ଆତ୍ମ-ପ୍ରବଞ୍ଚନା , ବୌଦ୍ଧିକ ଶଠତାର ପ୍ରତୀକ-କାଲି ଗୋଟାଏ ଫାଲ୍‌ତୁ ଡ୍ରାଇ-ଡେ ନିଶ୍ଚୟ l ମଦ ଦୋକାନ ସବୁ ବନ୍ଦ ରହିବ l ଆଜି ସେଥିପାଇଁ ଲମ୍ବା କ୍ୟୁ 'ବ୍ଲୁ-ଫକ୍ସ' ସାମନାରେ l ଆଜି ଅନ୍ତତଃ ସଂଗ୍ରହ କରିବା ପାଇଁ ପଡ଼ିବ କାଲି ପାଇଁ କୋଟା ସମୂଳସୁଧରେ, ପ୍ରତିଶୋଧପରାୟଣ ପରି l

କାହାର ଗରମ ନିଃଶ୍ୱାସ ଦଂଶନ କରୁଛି ମୋର ବେକମୁଣ୍ଡା? ପଛକୁ ଫେରି ଚାହିଁ ଦେଖିଲି, କ୍ୟୁ ଆହୁରି ଲମ୍ବିଗଲାଣି, ଫୁଟ୍‌ପାଥ ଦାଡ଼ ପର୍ଯ୍ୟନ୍ତ l ମୋର ପଛରେ ଠିଆ ହୋଇଛନ୍ତି, ଏଇ ଗୁଳୁଗୁଳିରେ ଥ୍ରି-ପିସ୍ ସୁଟ ପିନ୍ଧା ଜଣେ ପ୍ରୌଢ଼-ମୁହଁଟା ଠିକ୍ ଦେଖାଯାଉ ନାହିଁ l ମୁଣ୍ଡରେ ଫେଲ୍‌ଟ୍‌ଟା ନୁଆଇଁ ଦେଇଛନ୍ତି କପାଳ ଉପରକୁ; ପେରୀ ମାସନ୍ ଡିଟେକ୍‌ଟିଭ୍ ଉପନ୍ୟାସର ଏକ ଚରିତ ପରି l ସେ ବୋଧହୁଏ ଚାହାନ୍ତି ନାହିଁ ଅନ୍ୟମାନଙ୍କ ଆଖିରେ ଧରା ପଡ଼ିବା ପାଇଁ l ସେ ବୋଧହୁଏ କୌଣସି ପ୍ରହିବିସନ୍-କ୍ଲବ୍‌ର ପ୍ରେସିଡେଣ୍ଟ, ନୋହିଲେ କର୍ମକର୍ତ୍ତା : ନୋହିଲେ ଗୋବିଚାରୀ ଭଦ୍ରଲୋକ; ଘରେ ପିଅନ୍ତି ଗଙ୍ଗାଜଳ l ଏବେ ଗୋଟାଏ ରମ୍ କି ହୁଇସ୍କି ବୋତଲ ଧରି ଯିବେ କୌଣସି ବନ୍ଧୁଙ୍କ ପାର୍ଟିକୁ l

ସନ୍ଧ୍ୟା ସାତଟାରେ ଦୋକାନ ବନ୍ଦ l ଭଦ୍ରଲୋକ ଅସହିଷ୍ଣୁ ହୋଇ ଉଠିଲେଣି l ସେଥିପାଇଁ ଘନ ଘନ ଉଷ୍ଣଶ୍ୱାସ l ଆଃ-ମୋ ବେକମୁଣ୍ଡା ଜଳଯାଉଛି-ଯେପରି ଲୁ ମାଡ଼ରେ l

ଆମରି ଦାରିଦ୍ର୍ୟ, ଆମର ବେକାରୀ ସମସ୍ୟାର ସମାଧାନ ନ ହେଉ ପଛେ l କର୍ତ୍ତାମାନଙ୍କର ସଂକଳ୍ପ କିନ୍ତୁ ଆମକୁ ଚରିତ୍ରବାନ ନ କରି ଛାଡ଼ିବେ ନାହିଁ, ସେଥିପାଇଁ ନିଶା ନିବାରଣ-ଡ୍ରାଇ-ଡ଼େ l ଲେନିନ ମଧ ବିପ୍ଳବ ପରେ ଋଷିଆରେ ଆରମ୍ଭ କରିଥିଲେ ମଦ୍ୟ ନିଷେଧ, ଭଦିକା ବନ୍ଦ l କିନ୍ତୁ ପ୍ରଲିଟରିଆନ୍ ଡିକ୍‌ଟେଟରସିପ୍‌କୁ ବୃଦ୍ଧାଙ୍ଗୁଷ୍ଠି ଦେଖାଇ, ପୁଣି ଫେରି ଆସିଲା ଭଦ୍‌କା l- ବିଜୟ ନିର୍ଘାତ୍ ସିନିକ୍ l କଥା ପଡ଼ିଲେ ସେ କହେ, ଆମଦେଶର ନେତାମାନେ ଡ୍ରିଙ୍କ୍ କରନ୍ତି ବାଥ୍‌ରୁମ୍‌ରେ, ଡ୍ରଇଙ୍ଗ୍ ରୁମ୍‌ରେ ନାମ ନିଅନ୍ତି ବାବା ଅଥବା ମାତାମାନଙ୍କର l ଡ୍ରାଇ-ଡେର ବ୍ୟବସ୍ଥା ତ ମଦର କାଟ୍‌ତି ବଢ଼ାଇବା ପାଇଁ l ଚାରି ଦିନର ମାଲ ଏକାଦିନେ ବିକ୍ରୀ ହୋଇଗଲେ ବ୍ୟବସାୟୀର ଲାଭ ଆଉ ନୀତିବାଗୀଶମାନଙ୍କର ଜୟଜୟକାର l ଇଏ ଠିକ୍ ଛାଡ଼ଖାଇ ଦିନ ସାରା କାର୍ତ୍ତିକ ମାସର ମାଛ ବିକ୍ରୀ ହୋଇଯିବା ପରି l 'ବ୍ଲୁ ଫକ୍ସ୍' ବାଲାମାନେ ହବିଷ କରିବା ପରେ, ବୁଢ଼ୀ ମା' ଅନେଇ ବସିଥାଏ ଛାଡ଼ଖାଇ କେବେ? ରାମାନନ୍ଦୀ ଚିତା ତଳେ ତା'ର ଦୁଇ ବିଷର୍ଣ୍ଣ ଆଖିରେ ଆମିଷର କ୍ଷୁଧା l ସକାଳୁ ସକାଳୁ ମୋତେ ଉଠାଇ କହେ- "ତୁ ଯିବା ବେଳକୁ ପଡ଼ିଥିବ ଦଣ୍ଡିକିରୀ ନୋହିଲେ ଛୋଟ ପୋହଳା l ଜଲ୍‌ଦି ଜଲ୍‌ଦି ନ ଗଲେ ମାର୍କେଟରୁ ବଡ଼ମାଛ ସବୁ କିଏ କୁଆଡ଼େ ବୋହି ନେଇଯିବେ l" ମାସଟାଯାକର ହବିଷ ପରେ ଆଜି ମୀନକୁଳ ସଂହାର କରିବା ପାଇଁ ପଡ଼ିବ l ଡ୍ରାଇ-ଡେ ସେହିପରି ଏକ ହବିଷ l ନେତାଙ୍କୁ ଥରେ ଏକ ସାମ୍ବାଦିକ ସମ୍ମିଳନୀରେ ପଚାରିଥିଲି, "ଜାଣନ୍ତି ଆପଣ, ହୁଇସ୍କି ଅପେକ୍ଷା ରାଜନୈତିକ କ୍ଷମତା ଅହଙ୍କାର ମଣିଷକୁ ବେଶି ମାତାଲ କରେ? ତା'ର ପଶୁ ବୃତ୍ତିକୁ ଆହୁରି ଉଗ୍ରକରେ? ନେତା ଏକ ପ୍ୟୁରିଟାନ୍ l ସେ ଠଉରେଇ ନେଲେ ମୁଁ ତାଙ୍କ

ମଦ-ନିଷେଧ ଯୋଜନାକୁ ପରିହାସ କରୁଛି । ସେ ଚିତ୍କାର କଲେ – "ତମରି ପରି ବିଦେଶୀ ସଂସ୍କାରରେ ବର୍ଦ୍ଧିତ ଲୋକମାନେ ଆମର ଏଇ ପୁଣ୍ୟ ଭୂମିର ସମାଜ ଆଉ ସଂସ୍କୃତିକୁ ଧ୍ୱଂସ କରିଛନ୍ତି ।" ମୁଁ ଉତ୍ତର ଦେଲି- "ଇଏ ମୋ ପ୍ରଶ୍ନର ଉତ୍ତର ହେଲାନାହିଁ । ହୁଇସ୍କିରେ ନିଶା, ଆଲକହଲ୍ ଥାର୍ଟି ପରସେଣ୍ଟ ଲଣ୍ଡନ ପ୍ରୁଫ୍ । ରାଜନୈତିକ କ୍ଷମତାରେ ନିଶା ସେଣ୍ଟ ପରସେଣ୍ଟ । ତା' ନ ହେଲେ ବିଶୁଦ୍ଧ ପାଣି ପିଇ ଲୋକେ ଏପରି ପ୍ରମତ୍ତ ହୁଅନ୍ତେ କିପରି? ଆଉ ସଂସ୍କୃତି କଥା ଯଦି କହୁଛନ୍ତି, ତା' ହେଲେ ସୋମରସ ଟୋପେ ଟୋପେ ନ ପଡ଼ିଲେ, ଆର୍ଯ୍ୟ ଋଷିମାନେ କୁଆଡ଼େ ଆଖି ଫିଟାଉ ନ ଥିଲେ ।" ନେତା ବିସ୍ଫୋରଣ କଲେ.... "ତୁମେ ମୋ ପ୍ରେସ୍ କନ୍‌ଫରେନ୍ସ ଛାଡ଼ି ଚାଲିଯାଇପାର । ଏପରି ବେଆଦବୀ ବରଦାସ୍ତ କରିବା ଲୋକ, ମୁଁ ଅନ୍ତତଃ ନୁହେଁ ।" – ଷ୍ଟୋରୀଟା ଦେଇଥିଲି ସମ୍ପାଦକଙ୍କୁ । ତା' ଉପରେ ଗୋଟିଏ ନାଲି ଛକି ପକାଇ ସେ ଷ୍ଟୋରୀଟାକୁ ଫେରାଇ ଦେଇଥିଲେ ମୋ' ଡେସ୍‌କକୁ...ଈଷର ଝଶ୍ୱକ୍ଟକ୍ସଚ ସଷ୍ୱ ଳସକ୍ଷକ୍ଷରୟ ଯେଉଁ ଆମ୍ପ୍ରତାରଣା ଉପରେ ରାଷ୍ଟ୍ର, ସମାଜ ପ୍ରତିଷ୍ଠିତ, ଖବରକାଗଜ ତା'ର ଚତୁର୍ଥ ଇଲାକା, ସେଥିରୁ ବାଦ୍ ପଡ଼ନ୍ତା କିପରି? ବସ୍ତୁତଃ ଖବରକାଗଜ ତ ସେଇ ଆମ୍ପ୍ରତାରଣାର ପ୍ରଚାରଯନ୍ତ୍ର । ସମ୍ବାଦପତ୍ରରେ ସ୍ୱାଧୀନତା 'ଡ୍ରାଇ-ଡେ' ପରି ଆଉ ଏକ ମୁଖରୋଚକ ବୋଲି ।

ଖଣ୍ଡେ ସିଗାରେଟ୍‌ରେ ନିଆଁ ଧରାଇ ଆଗକୁ ଚାହିଁ ଗଣି ଦେଖିଲି, କାଉଣ୍ଟର ପର୍ଯ୍ୟନ୍ତ ମୋ ଆଗରେ ଠିଆ ହୋଇଛନ୍ତି ଆଉରି ପନ୍ଦର ଜଣ- ପ୍ରତ୍ୟେକଙ୍କ ପାଇଁ ଅନ୍ୟୁନ ତିନି ମିନିଟ୍ ଆବଶ୍ୟକ ହେଲେ, ମୋ ପାଳି ପଡ଼ିବ ୪୫ ମିନିଟ୍‌ପରେ । ବଡ଼ କ୍ଳାନ୍ତ ଲାଗେ, ଏଇପରି ଅସହାୟ ଭାବରେ କ୍ୟୁ'ରେ ଧାଡ଼ି ଦେବା ପାଇଁ । ତା' ଉପରେ ପୁଣି, ପଛରେ ପେରୀ ମାସନ୍ ଡିଟେକ୍‌ଟିଭ ଉପନ୍ୟାସର କୌଣସି ଚରିତ୍ର ପରି, ମୁଣ୍ଡରେ ଫେଲଟ୍‌ଟୋପି ପିନ୍ଧା ସେଇ ଭଦ୍ରଲୋକଙ୍କର ଉତ୍ତପ୍ତ ନିଃଶ୍ୱାସ, ବେକମୂଳେ ନିଆଁ ଝାସ ପରି ଲାଗୁଛି ।

ଏଇପରି ଅସ୍ୱସ୍ତିପୂର୍ଣ୍ଣ ମୁହୂର୍ତ୍ତରେ ମୋ ନାକ ତଳେ, କେତେ ପଟ ତାସ୍ ପରି କିଏ ଜଣେ ଖୋଲି ଧରିଲା କେତେଖଣ୍ଡ ରଙ୍ଗ ବେରଙ୍ଗ କାଗଜ । "ଲଟେରୀଟିକେଟ୍ ମୋଲିୟେ ସା'ବ୍ । ପଅର ଦିନ ଡ୍ର । ଏଇ ଲାଷ୍ଟ ଚାନ୍ସ । ନସୀବରେ ଥିଲେ, ଗୋଟିଏ ଟଙ୍କା ଦେଇ ଲକ୍ଷେରୁ ଦଶ ଲକ୍ଷ ଆପଣ ପାଇଯିବା ଅସମ୍ଭବ ନୁହେଁ । ଦିଲ୍ଲୀ ଲଟେରୀ, ୟୁ.ପି. ଲଟେରୀ, ପଞ୍ଜାବ ଲଟେରୀ, ହରିଆନା ଲଟେରୀ ସବୁ ଲଟେରୀ କିଣି ପାରନ୍ତି ଆପଣ । ତା' ହେଲେ ଆପଣଙ୍କ ନସୀବକୁ ଲଟେରୀ କୋଉଠି ନା କୋଉଠି ତ ନିଶ୍ଚୟ ବାଜିବ ।"

ଏତେବେଳକେ ଲୋକଟାକୁ ଚାହିଁ ଦେଖିଲି । ପିନ୍ଧିଛି କାନଭାସ ପରି ଡେନିମ୍ କନାର ଖଣ୍ଡେ ବେଲବଟମ, ଆଉ ଗୋଟାଏ ଫିକା କଳାରଙ୍ଗର ଟି-ସାର୍ଟ, ପାଦରେ ହଳେ ଶସ୍ତା ବାଟା ଚପଲ । ମହାନଗରୀର ଲକ୍ଷ ଲକ୍ଷ ବେକାରଙ୍କ ମଧ୍ୟରୁ ସେ ମଧ୍ୟ ଆଉ ଜଣେ । ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ ଆଗରେ ଏଇ ଚେହେରାର ଅନେକ ଯୁବକ ଦେଖିବାକୁ ମିଳିବେ । ବିଶେଷତ୍ୱ ନାହିଁ । କିନ୍ତୁ ତା'ର ମୁହଁରେ କ୍ଷୁଧାର ଅନେକ ଦନ୍ତ ନଖାଘାତ, ସେ ସବୁ ଗଭୀର ରେଖା ପରି ଆମ୍ପୁଡ଼ି ହୋଇଯାଇଛି । ଦୁଇ ଆଖିରେ କିପରି ଗୋଟାଏ ହତାଶାର ପାଂଶୁଳତା । ଏପରି ମୁହଁ ମନରେ ରେଖାପାତ କରେ । ସହଜରେ ଭୁଲିଯିବା ସମ୍ଭବ ନୁହେଁ । ମୋ ପିଠିରେ ଗୋଟାଏ ମୃଦୁ ଧକ୍‌କା ଦେଇ ପେରୀ ମାସନ୍‌ର ଚରିତ୍ର ପରି ଫିସ୍ ଫିସ୍ କଣ୍ଠରେ କହିଲେ... "ମୁଭ୍ ଅନ୍ ।"

ମୋ ଆଗରେ ଧାଡ଼ି ପତଳା ପଡ଼ି ଆସୁଥିଲା । ମୁଁ ଆଗକୁ ଗୋଟାଏ ଲମ୍ବା ପାହୁଲ ପକାଇଲି ।... ସେ ଲୋକଟା କିନ୍ତୁ ନଛୋଡ଼ବନ୍ଧା । ସମସ୍ତଙ୍କ ସାଙ୍ଗରେ ମାଛି ପରି ଲାଗି ଲାଗି, ଶେଷକୁ ମୋତେ ପାଇଛି । ଏତେ ସହଜରେ ଛାଡ଼ିଦେବ କିପରି? ମୋର ଗୋ-ବିଚାରୀ ଚେହେରାରେ ସେ ନିଶ୍ଚୟ ଲକ୍ଷ୍ୟ କରିଥିଲା, ଜଣେ ସମ୍ଭାବିତ ଗ୍ରାହକ । ମୋ ଚେହେରାରେ ଏପରି କ'ଣ ଅଛି କେଜାଣି, ସମସ୍ତେ ଆରମ୍ଭରୁ ମୋତେ ଧରି ନିଅନ୍ତି ଗୋ-ବିଚାରୀ ବୋଲି । ମୁଁ ଯେପରି ସମସ୍ତଙ୍କ ହାତ ପାଆନ୍ତାରେ ସରଳ, ସାଦାସିଧା ଭଦ୍ରଲୋକଟିଏ । କିନ୍ତୁ ମୋ ଭିତରେ ଭୂମିକମ୍ପର ସ୍ପନ୍ଦନ କେତେ ଜଣ ଅନୁଭବ କରନ୍ତି? ସବୁ ଚେଷ୍ଟା ସତ୍ତ୍ୱେ ମୁଖାଟା ଅବଶ୍ୟ ବେଳେ ବେଳେ ଖସିପଡ଼େ । ସେତେବେଳେ ସେପରି ସହଜବିଶ୍ୱାସୀ

ଲୋକମାନଙ୍କର ଚେତା ପଶେ- ମନ୍ତ୍ର ନ ଜାଣି ସାପ ଗାତରେ ହାତ ପୂରାଇଛନ୍ତି ସେମାନେ । ମୁଁ ଚିତ୍କାର କଲି ବିରକ୍ତିରେ " ଡୋଣ୍ଟ ପେଷ୍ଟରମି । (ଓଡ଼ିଆ ଭାଷାରେ ରାଗିବା ସମ୍ଭବ ନୁହେଁ, ଅନ୍ତତଃ ଏପରି ରାଗିବା ।) ମୁଁ ତୁମର ଜୁଆଡ଼ି ସଭ୍ୟତାରେ ବିଶ୍ୱାସ କରେ ନାହିଁ । ଟଙ୍କାକର ଟିକେଟ୍‌ରେ ଦଶଲକ୍ଷ ଟଙ୍କା ଲାଭ? ଜୁଆଚୋରୀ ଆଉ କାହାକୁ କହନ୍ତି? ତମେ କ' ଣ କରିବ? ତମର ସମାଜ ସଭ୍ୟତାର ଭିତ୍ତି ତ ଆଜି ଏଇଆ ଲଟେରୀ ଟିକେଟ୍ ।"

ଆଉରି ପାଦେ ଆଗକୁ ଘୁଞ୍ଚିଗଲି ।

ସେ କିନ୍ତୁ ନଛୋଡ଼ବନ୍ଧା । ସେ କହିଲା "ରାଜନୀତି" ଠାରୁ ଫିଲମ୍, ସାହିତ୍ୟଠାରୁ ଯୋଗ, ପ୍ରାଣାୟମ- କୋଉଥିରେ ଆଜି ଜୁଆଚୋରୀ ନାହିଁ? ଅର୍ଥାତ୍ ବିନା ସାଧନାରେ ସିଦ୍ଧି ପାଇଁ ପ୍ରୟାସ!"

ଲୋକଟାର ବିଷର୍ଣ୍ଣ ଆଖି ଦୁଇଟା ଭିତରକୁ ଚାହିଁଲି । କଥାବାର୍ତ୍ତାରେ ତ କିତାବୀ ଢଙ୍ଗ । କଣ୍ଠସ୍ୱର ମୋର କୋମଳ ପଡ଼ି ଆସିଲା । ମୁଁ କହିଲି... "ନୀତି ଦୃଷ୍ଟିରୁ ମୁଁ ଲଟେରୀ ଆଉ ଇନ୍‌ସୁରେନ୍‌ସର ବିରୋଧୀ । ବାହୁବଳରେ, ବୁଦ୍ଧି ବଳରେ ଅର୍ଥ ଉପାର୍ଜନ କରିବା ପାଇଁ ପଡ଼ିବ- ସେ ଲଟେରୀ ଗୁଳାରେ ନୁହେଁ । ଆଉ ଜୀବନର ଯଦି କୌଣସି ମୂଲ୍ୟ ଥାଏ ତା' ହେଲେ ସମାଜ ହିଁ ହେବ ତା' ର ରକ୍ଷକ । ଇନ୍‌ସୁରାନ୍‌ସରେ ମହୁମାଛି ପରି ନିଜେ ମହୁ ସଞ୍ଚୟ କରି କରି ଶେଷକୁ ମୁଁ ବଞ୍ଚିତ ହେବାକୁ ଘୃଣା କରେ ।"

..."ନୀତିରେ ମଧ ମୁଁ କମ୍ ବିଶ୍ୱାସ କରୁ ନ ଥିଲି । ଏଇ ମୋର ଏମ୍ପଲୟମେଣ୍ଟ ଏକ୍‌ସଚେଞ୍ଜ କାର୍ଡ଼ । ଦୁଇ ବର୍ଷ ହେଲା ରିନିଉ କରି କରି ଚାଲିଛି । ଯୋଗାଡ଼ କରି ଦେଇ ପାରିବ ମୋ' ପାଇଁ?- ମାର ଗୁଲି ହୁଇସ୍କି ରମ୍ ଜିନ୍‌କୁ-ଖାଲି ରୋଟି ଆଉ ଶାକ୍ ।"

ଏମ୍ପ୍ଲୟମେଣ୍ଟ କାର୍ଡ଼ରେ ଦେଖିଲି ଲୋକଟା ବିଦ୍ୱାନ୍ ନ ହେଉ ପଛେ ବିଦ୍ୟାଧାରୀ-ବି.ଏ. ଡିଗ୍ରୀ ଅଛି, ହେଉନା ପଛେ ଗୋଟାଏ ଶସ୍ତା ୟୁନିଭର୍‌ସିଟିର ।

ମୁଁ କହିଲି... "କେଉଁଠି ଗୋଟିଏ ଭଦ୍ରଭାବରେ ଚଳି ପାରିବା ଭଳି ଚାକିରି ଯୋଗାଡ଼ ନ କରି, ଅନ୍ତତଃ ଖବରକାଗଜ ହକିଙ୍ଗ ନ କରି, ଏ ଜୁଆ ଆଡ଼ାରେ ମାତିଛ କାହିଁକି? ତୁମକୁ ଶହେ ଏକ ଥର ପାଇଁ କହି ଦେଉଛି, ମୁଁ ଜଣେ ମାନ୍ ଅଫ୍ ପ୍ରିନସିପାଲ୍, ଆଉ ମୋ ମତରେ ଲଟେରୀ ଏକ ଜୁଆ । ଯେଉଁମାନେ ଲଟେରୀ ଟିକେଟ ବିକନ୍ତି, ସେମାନେ ରିଆକ୍‌ସନାରୀ ମଣିଷଗୁଡ଼ାଙ୍କୁ କରି ଦେଉଛନ୍ତି ଭାଗ୍ୟବାଦୀ, ମେହେନତ୍ ନକରି ଫଳ ପାଇବାରେ ବିଶ୍ୱାସୀ ।"

ସେ ଉତ୍ତର ଦେଲା... "ଏମିତି ଅନେକ ଲେକ୍‌ଚରବାଜୀ ଶୁଣିଛି । ଗୋଟାଏ ଟିକେଟ ବିକ୍ରୀ କଲେ ପଚିଶି ପଇସା କମିସନ୍ । ତା' ଉପରେ ଅଛି, ଯଦି ଭାଗ୍ୟକୁ ମୁଁ ବିକ୍ରୀ କରିଥିବା ଲଟେରୀ ଡ୍ରରେ ଉଠେ । କିଣନ୍ତୁ ନା ଦୁଇ ତିନିଟା ଲଟେରୀ । କ' ଣ ବା ଆପଣଙ୍କର ଖର୍ଚ୍ଚ ହୋଇଯିବ ଏପରି?"

କୌଣସି ଉତ୍ତର ନ ଦେଇ ଏଥର ପୂରାପୂରି ଲୋକଟାକୁ ଉପେକ୍ଷା କରି ମୁଁ କାଉଣ୍ଟର ପାଖକୁ ମାଡ଼ି ଆସିଲି । ଗୋଟାଏ ହୁଇସ୍କି ବୋତଲ କାଖ ତଳେ ଜାକି ମୁଁ ଗଣିଦେଲି ଆଠ ଖଣ୍ଡ ଦଶ ଟଙ୍କିଆ ନୋଟ୍ ।

ଆଠଖଣ୍ଡ ନୂଆ ଦଶଟଙ୍କିଆ ନୋଟ ମୁଁ ଫିଙ୍ଗି ଦେଉଥିଲି କାଉଣ୍ଟର ଉପରକୁ, ଲୋକଟା କ୍ଷୁଧିତ ଆକ୍ଷିରେ ଚାହିଁ ଦେଖୁଥିଲା । ମୁଁ କାଉଣ୍ଟର ପାଖରୁ ବୋତଲଟା ଧରି ଚାଲି ଆସିଲା ବେଳେ, ସେ ସ୍ୱଗତୋକ୍ତି କରିବା ପରି ମୋତେ ଶୁଣାଇ ଶୁଣାଇ କହିଲା "ହାମ୍‌କୁ ଭି ତ ରୋଟି ଖାନା ହାୟ ।"

ମୁଁ ଯେମିତି ତା' ମୁହଁରୁ ରୁଟି ଛଡ଼ାଇ ନେଇଛି ।- ହଁ ଛଡ଼ାଇ ନେଇ ନାହିଁ ତ ଆଉ କ'ଣ? କିନ୍ତୁ କିପରି? ଖଣ୍ଡେ ସିଗାରେଟ୍ ଦିଆସିଲି ଉପରେ ପିଟି ପିଟି, ସେଇ ପ୍ରଶ୍ନର ଉତ୍ତର ଚିନ୍ତା କରୁଥିଲି ।

ଅଶୀ ଟଙ୍କାର ଲଟେରୀ ଟିକେଟ୍ କିଣିଥିଲେ ସେ କମିଶନ୍ ପାଇଥାନ୍ତା କୋଡ଼ିଏ ଟଙ୍କା, ଆଉ ମୋ ଭାଗ୍ୟରେ ଯଦି...

ଟ୍ୟାକ୍ସି କେହି ଗୋଟାଏ ସୁଦ୍ଧା ଅଟକୁ ନାହାନ୍ତି । ସନ୍ଧ୍ୟାବେଳେ ଟ୍ୟାକ୍ସି ବାଲାଙ୍କର ମିଜାଜ୍‌ଟା ଥାଏ ଏହିପରି । ଷ୍ଟାଣ୍ଡ ପର୍ଯ୍ୟନ୍ତ ଚାଲିଚାଲି ଯିବା ପାଇଁ ପ୍ରବୃତ୍ତି ନାହିଁ । ଲଟେରୀ ଟିକେଟ ବିକାଳିର ସେଇ କଥା ପଦକ- "ହାମ୍‌କୁ ଭି ତ ରୋଟି ଖାନାହେ" ... ମୋ ଭିତରେ ସବୁ ଓଲଟପାଲଟ କରି ଦେଇଯାଇଛି । ଥାପର୍‌ର ବାର୍ଥ ଡ଼େ ପାର୍ଟିରେ ମୁଁ ପିଉଥିବି ହୁଇସ୍କି, ଆଉ ଏ ଲୋକଟା ଲଟେରୀ ଟିକେଟ୍ ବଣ୍ଡଲ୍ ଧରି ରାସ୍ତାରେ ବୁଲୁଥିବ! ଏ ଦୁଇଟି ଦୃଶ୍ୟ ମଧ୍ୟରେ ମୁଁ ସମୀକରଣ କରି ପାରୁ ନ ଥିଲି । ନାଁଃ- ଥାପର୍‌ର ବାର୍ଥ ଡେ ପାର୍ଟିକୁ ଯିବିନାହିଁ । କାଲି କଫି ହାଉସ୍‌ରେ ଯେ କୌଣସି ଗୋଟାଏ କୈଫିୟିତ ଦେଇଦେଲେ ଚଳିବ । ସର୍ଦ୍ଦି, ଫ୍ଲୁ- ଜଣେ ବନ୍ଧୁର ଆକ୍‌ସିଡେଣ୍ଟ । ତା' ଛଡ଼ା ମୁଁ କାଖତଳେ ଜାକିଯାଉଛି, ଶସ୍ତା ଡିପ୍ଲୋମାଟ୍ ହୁଇସ୍କି-କିନ୍ତୁ ଥାପରର୍ ଡ୍ରଇଂରୁମ୍‌ରେ କଳା କଳା ଆଖିମେଲି ଚାହିଁ ରହିଥିବେ ଧାଡ଼ି ଧାଡ଼ି ବ୍ଲାକ୍‌ଡଗ୍, ଜନି ୱାକର, ବ୍ଲାକ ଆଣ୍ଡ ହ୍ୱାଇଟ୍ ବୋତଲ । ତା' ଭିତରେ ଗୋଟାଏ ଚିଭାସ୍‌ରିଗାଲ ଥିବା ମଧ୍ୟ ଅସମ୍ଭବ ନୁହେଁ । ବିଦେଶୀ ଏମ୍ବାସୀମାନଙ୍କ ସହିତ ଥାପର୍‌ର ଯେପରି ଚୋରା କାରବାର, ସେଥିରେ ଏସବୁ ବସ୍ତୁ ଦୁର୍ଲ୍ଲଭ ନୁହେଁ । ତା'ରି ଭିତରେ ମୁଁ ଯେତେବେଳେ ଧନୀ ପରିବାରରେ ଜଣେ ଦରିଦ୍ର ଆତ୍ମୀୟ ପରି ଏକ ଡିପ୍ଲୋମାଟ୍ ହୁଇସ୍କି ବୋତଲଟାକୁ ରଖିବି, ତା'ର ପାଣିଚିଆ ଚେହେରା କ'ଣ ଖାପଖାଇବ, ବ୍ଲାକ-ଡ଼ଗ୍, ଜନିୱାକରମାନଙ୍କର ବର୍ଣ୍ଣାଭିଜାତ୍ୟ ସହିତ? କେତେ ପେଗ୍ ଶସ୍ତା 'ଡ଼ିପ୍ଲୋମାଟ୍' ବଦଳରେ ମୁଁ ହୁଏତ ସାଫ୍ କରିଦେବି ଗୋଟାଏ ସ୍କଚ । ଇଏ କ'ଣ ସେଇ ଲୁଆ ନୁହେଁ, ଯାହା ବିରୁଦ୍ଧରେ ମୁଁ ଏତେକ୍ଷଣ ସେ ବିଚାରାକୁ ଶୁଣାଉଥିଲି ସରମନ୍?....ନାଁ ଥାପର୍ ପାର୍ଟିକୁ ଯିବିନାହିଁ ।- "କାଲି ହଠାତ୍ ଫ୍ଲୁଟା ଧରି ପକାଇଲା ଭାଇ ।"

ତା' ହେଲେ କ'ଣ କରିବି, ବର୍ତ୍ତମାନ ଏଇ ନିଃସଙ୍ଗ ସନ୍ତସନ୍ତିଆ ସନ୍ଧ୍ୟା ଆଉ ହୁଇସ୍କି ବୋତଲକୁ ନେଇ? ଆକାଶରେ ତାରାଗୁଡ଼ାକ ସୁଦ୍ଧା ଦିଶୁଛନ୍ତି ନିଃସଙ୍ଗ । ଅରଣ୍ୟର ନିଃସଙ୍ଗ ନିର୍ଜନତାରେ ଅଛି ପ୍ରଶାନ୍ତି, କିନ୍ତୁ ମହାନଗରୀର ନିଃସଙ୍ଗତାରେ ଏ କି ଦଂଶନ? କି ଜ୍ୱାଳା? ଚାରିଆଡ଼େ କେବଳ ଗୁଡ଼ାଏ ଅଶରୀରୀ ଛାୟାମୂର୍ତ୍ତି ।

ସେ ଲୋକଟା ତଥାପି ଠିଆ ହୋଇଥିଲା, ଫୁଟ୍‌ପାଥ କଡ଼ରେ- ଯେପରି ତା'ର ଗତି ଓ ଗନ୍ତବ୍ୟ ଉଭୟ ଅନିଶ୍ଚିତ । ଆଜି କେତେ ଟଙ୍କାର ଲଟେରୀ ବିକିଛି କେଜାଣି? ସେଥିରେ ତା'ର 'ରୋଟୀ ଶାକ୍' ଚଳିବ ତ?

ମୁଁ ପଛକୁ ଯାଇ ତା' କାନ୍ଧ ଉପରେ ହାତ ରଖିବା ମାତ୍ରେ ସେ ଚମକି ପଡ଼ିଲା । କଣ୍ଠରେ ତା'ର ବିସ୍ଫୋରଣ- "ତୁମ୍ ପୁଲିସ୍ କା ଆଦ୍‌ମୀ ହାୟ?"

"ଆରେ ନାଇଁ ୟାର୍, ପୋଲିସ ଆଉ ମୁଁ ଜାତଶତ୍ରୁ ।"

"ତା' ହେଲେ?"

ତା' ହେଲେର ଉତ୍ତର ତ ଦେଇ ହେବନାହିଁ ତାକୁ । ଫ୍ଲାଟର ପାରାଭାଡ଼ି ଭିତରକୁ ଫେରିଯିବା ମୋତେ ଲାଗୁଥିଲା, ଏମର୍ଜେନସୀ ବେଳର ସେଲ୍‌କୁ ଫେରିଯିବା ପରି । ଏଇ ତ ସେଲ୍ ବନ୍ଦ ହେବାବେଳ ।

"ତମର ଯଦି ଆପତ୍ତି ନ ଥାଏ- ଆସନା ପାଖରେ ମୋର ଫ୍ଲାଟ । ଏ ହୁଇସ୍କି ବୋତଲଟା..." ତା' ର ପ୍ରୟୋଜନ ହୁଇସ୍କି । ମୋର ପ୍ରୟୋଜନ ସାନ୍ନିଧ ହେଉନା ପଛେ ଲଟେରୀ ବିକାଳିର ।

"କିନ୍ତୁ ତୁମେ ପୁଲିସ୍‌ବାଲା ନୁହେଁ ତ? ଏଇ ଦେଖ ତା' ହେଲେ...." ପକେଟରୁ ଗୋଟାଏ ଛୁରା କାଢ଼ି ଦେଖାଇଲା ସେ । ମୁଁ ବାଧ୍ୟବାଧକତାରେ ହସିବା ପରି ହସି ହସି କହିଲି... "ଆରେ ନା ନା ପୁଲିସ ଆଉ ମୁଁ ଜାତଶତ୍ରୁ ।" ସିଏ ମୋ ପଛେ ପଛେ ଆସିଲା । ଏଇ ମୌକାରେ ଯଦି କିଛି ଲଟେରୀ ଟିକେଟ୍ ବିକ୍ରି କରିପାରେ ସେ । ତା' ନ ହେଲେ.... ଛିଣ୍ଡା ଆଟାଚିଟାକୁ ସେ କାଖତଳେ ଜାକି ଧରିଲା ।

ସିଡ଼ି ଅନ୍ଧାର । ଦ୍ୱିତୀୟ ମହଲାରେ ରାଓର ଫ୍ଲାଟ୍‌ରୁ ବାଜୁଥିଲା ରେକର୍ଡ-ପ୍ଲେୟାରରେ ରଷିଆନ୍ ବାଲେ ମ୍ୟୁଜିକ-ବଡ଼ କରୁଣ; ଷ୍ଟେପିଜ୍‌ର ଆତ୍ମାର ବିଳାପ ମୁଁ ଶୁଣିପାରେ ଏଇ ବାଲେ ମ୍ୟୁଜିକ୍, ରାଓକୁ ଏତେ ଭଲଲାଗେ କାହିଁକି ବାଲେ ମ୍ୟୁଜିକ, ଇଏ ବୋଧହୁଏ "ଷ୍ଟୋନ-ଫ୍ଲାୱାର" ବାଲେର ରେକର୍ଡ । ସେଦିନ ସକାଳେ ରାଓ, ସେଇ ରେକର୍ଡ ଥାକେ ଧରି ମୋ ଫ୍ଲାଟକୁ ଆସିଥିଲା- ମୁଁ ଯଦି କିଣିବାକୁ ଚାହେଁ, ସେ ସବୁ ସେ ବିକ୍ରି କରିଦେବ ନାମମାତ୍ର ମୂଲ୍ୟରେ । ରାଓ ଆଡ଼ପାଗଳ । ବେଳେବେଳେ ପାଗଳାମି ତା' ର ବାହାରେ । ମୁଁ ତାକୁ ଫେରେଇ ଦେଇ କହିଲି... "ମୋର ଭାଇ ଷ୍ଟିରିଓ ନାହିଁ, ରେକର୍ଡ଼ ନେଇ କ' ଣ କରିବି?" ସିଏ କହିଲା... "ୟୁ ଆର୍ ଏ ପିଗ୍ । ପାଣି ଦାମ୍‌ରେ ମୋର ଅଫର୍ ନେଲୁନାହିଁ ।" ଏବେ ହୁଏତ ରାଓର ଆଡ଼ପାଗଳାମି ବାହାରିଛି । ଫ୍ଲାଟ ଅନ୍ଧାର କରି, ସେ ବଜାଉଛି ବ୍ୟାଲେ-ମ୍ୟୁଜିକ୍, ଲୋ-ଭଲ୍ୟୁମ୍‌ରେ ।

ମୋ ଫ୍ଲାଟର ସୁଇଚ୍ ଅନ୍ କରିବା ମାତ୍ରେ, ସେ ଲୋକଟା ଚାରିଆଡ଼କୁ ଚାହିଁ ପଚାରିଲା... "ତା' ହେଲେ ତମେ ବାଚିଲର୍? ତଥାପି ଭବିଷ୍ୟତରେ ତ ବିବାହ କରିପାର । ଲଟେରୀଟାଏ କିଣିଥିଲେ ଅନେକ କାମରେ ଆସନ୍ତା ।" ତା' ଶେତା ଆଖି ଦୁଇଟା କି ସମ୍ଭାବନାରେ ପୁଣି ଉଜ୍ଜ୍ୱଳ ହୋଇଉଠିଲା କେଜାଣି? ମୁଁ କିନ୍ତୁ ମ୍ୟାନ୍ ଅଫ୍ ପ୍ରାନ୍‌ସିପାଲ । ଯେତେ ଯାହା ହେଲେ ବି ଲଟେରୀ ଟିକେଟ୍ କିଣିବି ନାହିଁ । ମୁଁ କହିଲି... "ଫ୍ରିଜ୍ ନାହିଁ, ସୋଡ଼ା ନାହିଁ, ଅଛି ବାଥ୍‌ରୁମ୍ ଟାପ୍ ପାଣି । ସେଥିରେ ତମର ଚଳିବ ତ?"

..."ରାସ୍ତା ଟାପ୍ ଅପେକ୍ଷା ତମ ବାଥରୁମ୍ ଟାପ୍‌ର ପାଣି ନିଶ୍ଚୟ ଅଧିକ ନିର୍ମଳ ।" - କଣ୍ଠସ୍ୱର ତା' ର ବିଦ୍ରୁପ ।

ଦୁଇଟା ଗ୍ଲାସ୍ ଗୋଟାଏ ଜଗ୍ ପାଣି ଆଉ ହୁଇସ୍କି ବୋତଲଟା ରଖିଲି ଆଣି ଗୋଟାଏ ଗୋଡ଼ଭଙ୍ଗା, ଏକଦା ସୁଦିନରେ ବ୍ୟବହୃତ ହୋଇଥିବା ସେଣ୍ଟରପିସ୍ ଉପରେ ।

ତିନିଟା ପେଗ୍ ଟାଣିବା ପରେ, ସେ ଲୋକଟାର ଆଖି ପଡ଼ିଲା କାନ୍ଥରେ ଝୁଲିଥିବା, ତାକତଲାଲ୍-ଟେକ୍‌ସଟାଇଲ୍-ଗ୍ରୁପର ଗୋଟାଏ ଲଙ୍ଗୁଳି ଝିଅର କ୍ୟାଲେଣ୍ଡର ଛବି ଉପରେ । ସକାଳେ ଉଠିବା ମାତ୍ରେଇ ମୋର ଆଖି ପଡ଼େ ସେଇ କ୍ୟାଲେଣ୍ଡର ଉପରେ । ମୁଁ ମନେ ମନେ ତା' ର ଭାଇଟାଲ୍ ଷ୍ଟାଟିସ୍‌ଟିକସର ଗୋଟାଏ କଳନା କରେ, ତଲୁ ବେଡ୍-ଟି ଆସିବା ପର୍ଯ୍ୟନ୍ତ ।

ତା' ର ଆଖିଦୁଇଟା ହଠାତ୍ ଦପ୍ ଦପ୍ କରି ଉଠିଲା ରଡ଼ ନିଆଁପରି । ସେ କହିଲା... "ମାରଗୋଲି ଲଟେରୀ ଟିକେଟ୍ । ତମପାଇଁ ମୋ ପାଖରେ ଆଉରି ବଢ଼ିଆ ମାଲ୍ ଅଛି । ମୁଁ ଜାଣେ ତମେ ପୁଣି ବାଚିଲର୍ ।"

ମୁଁ ଆସ୍ତି ନାସ୍ତି କରିବା ପୂର୍ବରୁ ସେ ତା' ର ଛିଣ୍ଡା ଫୋଲିଓ ବ୍ୟାଗ୍ ଭିତରୁ କାଢ଼ି ଆଣିଲା କେତେ ଖଣ୍ଡ ପର୍ଣ୍ଣୋଗ୍ରାଫିକ୍ ଯୌନ-ସଙ୍ଗମର ଫଟୋଗ୍ରାଫ୍ ।

ଭାବିଲି, ବୋଧହୁଏ ଅଧୁନା ଆନ୍ତର୍ଜାତିକ-ପ୍ରସିଦ୍ଧି ଲାଭ କରିଥିବା, ନେତା-ପୁତ୍ରଙ୍କର ଯୌନଲୀଳାର ଫଟୋଗ୍ରାଫ୍ "...ଏଥିରୁ କ' ଣ ନାଁ କିଛି ।"

ନାଁ- ଏ ତ ନେତା-ପୁତ୍ରଙ୍କର ଫଟୋ ନୁହେଁ । ଘୃଣାରେ ମୋର ଦେହ ଶୀତେଇ ଉଠିଲା । ତଳେ ଚିତ୍ ହୋଇ ଶୋଇଥିବା ଉଲ୍ଲଙ୍ଗ ଲୋକଟା ଯେ ସ୍ୱୟଂ ଏଇ ଲୋକ । ଏପରି ନିର୍ଲଜ ଅକୁଣ୍ଠିତ ଭାବରେ ସେ ନିଜର ଦେହକୁ ବିକ୍ରୀ କରି ପାରୁଛି କିପରି?

ନିଜକୁ ସଂଯତ କରି ପଚାରିଲି... "ଏ ସ୍ତ୍ରୀ ଲୋକଟା କିଏ? ନିଶ୍ଚୟ କୌଣସି ଶସ୍ତା କଲ୍ ଗାର୍ଲ, ନୋହିଲେ ସେଇପରି କିଛି ।"

ନିର୍ଲିପ୍ତ କଣ୍ଠରେ ସେ ଉତ୍ତର ଦେଲା... "ସିଏ ମୋର ସ୍ତ୍ରୀ ।"

"ଶେଷକୁ ଏଇ ଧନ୍ଦା ଧରିଲ?"

"ଇଏ ତ ମନ୍ଦ ଧନ୍ଦା ନୁହେଁ । ତୁମର ରାଜନୀତି, ବ୍ୟବସାୟ, ସାହିତ୍ୟ ସବୁ ତ ଆଜି ଚାଲିଛି ଏଇ ଧନ୍ଦାରେ । ନେତାଙ୍କ ପୁଅଙ୍କ କଥା ନ କହିବା ଭଲ । ତାକତ୍‌ଲାଲ ଟେକସ୍‌ଟାଇଲ୍  ଗ୍ରୁପର ବିଜ୍ଞାପନ ପାଇଁ ପ୍ରୟୋଜନ ଏଇପରି ଲଙ୍ଗଳା ଛବି । ଆଉ ସାହିତ୍ୟ କହିଲେ ତ ଆଜି ଏଇପରି ଲଙ୍ଗୁଳୀମାନଙ୍କୁ ନେଇ ଲେଖା 'ଗରମ୍ କାହାନିୟାଁ ।'  ଏମାନେ ସମସ୍ତେ ଯଦି ଭଦ୍ର ହୋଇପାରିଲେ; ମୁଁ ଅଶ୍ଳୀଳ ହେବି କାହିଁକି? ଅଶ୍ଳୀଳତାଇ ଆଜିର ସମାଜର ଭିତ୍ତି ।"

ସେ ଲୋକଟାର ମୁହଁକୁ ଚାହିଁ ପାରିଲି ନାହିଁ । ସିଏ ଯେପରି ମୋ ମୁହଁ ଉପରେ ଲଗାଇ ଯାଉଥିଲା, ଗୋଟାକ ପରେ ଗୋଟାଏ ଚଟକଣା । ମୋର ମୁହଁ ଜଳିଉଠୁଥିଲା ।

ସେ କହିଲା... "ଏଥିରେ ମଧ୍ୟ ଆଉ ଜଣେ ପାର୍ଟନର୍ ଅଛି । ସିଏ ମୋର ବନ୍ଧୁ । ଫଟୋଗ୍ରାଫର୍ । ଫଟୋରେ ତା' ର ଅଂଶ ସିକ୍‌ସଟୀ ପରସେଣ୍ଟ , ଆମର ଫର୍ଟି ।" - ଅଧା ଗ୍ଲାସଟାକୁ ସେ ଏକା ଢୋକରେ ଶେଷ କରିଦେଲା । "କିନ୍ତୁ ତା' ର ଫର୍ଟି ହେବା ଉଚିତ । ତମର ସିକ୍‌ସଟୀ ।"  ମୁଁ ଗ୍ଲାସରୁ ଟିକିଏ ଢୋକି ନେଇ ମନ୍ତବ୍ୟ ଦେଲି... "କିନ୍ତୁ କାମେରା ଆଗରେ ଦୁଇଟା ପଶୁ ପରି ଏପରି ଗଡ଼ିବା ପାଇଁ ତମକୁ ଲଜ୍ଜ୍ୟା ଲାଗେ ନାହିଁ?"

"କିନ୍ତୁ ସିଏ ଫଟୋ ନ ଉଠାଇଲେ ଆମେ ରାସ୍ତା ଉପରେ ଏମିତି ଗଡ଼ାଗଡ଼ି ହେଉଥିଲେ ବି ଆମକୁ ପଚାରିବ କିଏ? ରିସ୍କ ତ ତାରି ବେଶୀ । ନିଅନ୍ତୁ ନାଁ ଦୁଇ ତିନିଟା ପିସ୍... ଭିନ୍ନ ଭିନ୍ନ ପୋଜ୍‌ର । ତକିଆ ତଳେ ରଖିବେ । ଖଣ୍ଡେ ପିସ୍ ଦଶଟଙ୍କା । ଆପଣଙ୍କ ପାଖରେ ତିରିଶି ଚାଳିଶି ଟଙ୍କାର ବା କି ଦାମ୍ ଅଛି? ଏଇତ ଅଶୀ ଟଙ୍କା ଦେଇ ଗୋଟାଏ ହୁଇସ୍କି ବୋତଲ କିଣି ଆଣିଲେ । ଆସି ଶେଷ ହେବା ଉପରେ ।"

"କିନ୍ତୁ" ... ମୋ ଭିତରର ମାନ୍ ଅଫ୍ ପ୍ରିନ୍‌ସିପଲ୍ ଜଣକ କ' ଣ ପ୍ରତିବାଦ କରିବା ପାଇଁ ଯେପରି ଚଞ୍ଚଳ ହୋଇ ଉଠୁଥିଲା ।

ସେ କହିଲା... "କିନ୍ତୁ ଆଉ କ' ଣ? ଆଜିର ମାଂସଳ ସମାଜରେ ଦୁଇଟା ଜିନିଷର ଚାହିଦା ବେଶୀ, ସେକ୍‌ସ ଆଉ ସହଜ ଟଙ୍କା । ଦୁଇଟାଯାକ ମୁଁ ଧରି ବୁଲିଛି ମୋର ଫୋଲିଓ ବାଗ୍‌ରେ । ନେବେ ଯଦି ନିଅନ୍ତୁ କେତେଟା ପିସ୍ । ମୋର କିନ୍ତୁ ଆଉ ସମୟ ନଷ୍ଟ କରିବାକୁ ବେଳନାହିଁ । ଫଟୋଗ୍ରାଫର ବନ୍ଧୁ ଆସିଯିବଣି, ଫଟୋ ଉଠାଇବା ପାଇଁ ।"

ତିନିଖଣ୍ଡ ଦଶଟଙ୍କିଆ ନୋଟ୍ ଘୃଣାରେ ଫିଙ୍ଗିଦେଲି ଲୋକଟା ଉପରକୁ । ସେ ଫିଙ୍ଗିଦେଲା ତିନିଖଣ୍ଡ ଫଟୋଗ୍ରାଫ୍.... "ତମକୁ ଭଲ ନ ଲାଗିଲେ ଆଉ କାହାକୁ ଦେଇଦେବ । ମୋର ଆଉ କେତେଜଣ ଗରାଖ ବଢ଼ିଯାଇ ପାରିବେ ତ ।"

ଫଟୋଗୁଡ଼ାକୁ ଛୁଇଁଲାବେଳେ, ମୋତେ ଲାଗୁଥିଲା ଯେପରି ସବୁ ଯୌନ ପିପାସା ହରାଇ ମୁଁ ହଠାତ୍ ନପୁଂସକ ହୋଇଉଠିଛି ।

ଶିଡ଼ିରେ ଓହ୍ଲାଇଲାବେଳେ ତା’ ପାଦର ବାଟା ଚଟିର ଶିଥିଳ ଶବ୍ଦ ଶୁଭୁଥିଲା । ବାକି ସବୁ ନୀରବ । ରାଓର ରେକର୍ଡ଼-ପ୍ଲେୟାରରେ, ବ୍ୟାଲେ ମ୍ୟୁଜିକ୍‌ର ଝଙ୍କାର ଚୂଡ଼ାନ୍ତକୁ ଉଠିବା ପରେ, ହଠାତ୍ ମୂର୍ଚ୍ଛିତ ହୋଇ ପଡ଼ିଥିଲା ।